**ହାତୀ ଆକ୍ରମଣରେ ବ୍ୟକ୍ତିଙ୍କ ମୃତ୍ୟୁ ସନ୍ଦେହ**

ଭଞ୍ଜନଗର,(ଡି.ଏନ.ଏ.):ଗଞ୍ଜାମ ଜିଲା ତାରସିଂ ରେଞ୍ଜ ଆମ୍ବଝରା ଜଙ୍ଗଲରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ କଳିଙ୍ଗପଦର ଗ୍ରାମର ଶ୍ୟାମଘନ ଜାନୀ। ଶ୍ୟାମଘନ ଶନିବାର ସକାଳେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ରବିବାର ଆମ୍ବଝରା ଜଙ୍ଗଲରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ସେଠାରେ ହାତୀ ପାଦଚିହ୍ନ ଥିବାରୁ ହାତୀ ଆକ୍ରମଣରେ ଶ୍ୟାମଘନଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ତାରସିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି।

## ସଂକ୍ଷେପରେ

### କୁଠାରୀ ମନ୍ଦିର ଉନ୍ନତିମୂଳକ କାର୍ଯ୍ୟ ନେଇ ବୈଠକ

**ବ୍ରହ୍ମପୁର ଅଫିସ୍,୧୪।୩:** ଗେଟ୍ ବଜାର ସ୍ଥିତ କୁଠାରୀ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ନେଇ କମିଟି ପକ୍ଷରୁ ମାସିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ମଧରେ ଶ୍ରଦ୍ଧାଳୁ, ମାନସିକଧାରୀଙ୍କୁ ମନ୍ଦିର ମଧକୁ ଦର୍ଶନ ନିମନ୍ତେ ଅନୁମତି ଦିଆଯାଉଥିବା କମିଟି ପକ୍ଷରୁ କୁହାଯାଇଛି। ଏଥିସହ ପୂଜାରୀ ଓ କମିଟି ବୃନ୍ଦ ସମ୍ପୂର୍ଣ୍ଣ ରୂପେ କୋଭିଡ୍ ନିୟମ ପ୍ରକାରେ ମାସ୍କ, ସାମାଜିକ ଦୂରତା ଓ ସାନିଟାଇଜର୍‌କୁ ଅଗ୍ରାଧିକାର ଦିଆଯାଇଥିବା କମିଟି ପ୍ରକାଶ କରିଛି। ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସାହାଯ୍ୟ ଓ ସହଯୋଗ ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବୃନ୍ଦାବନ ସାହୁ, ଜ୍ୟୋତ୍ସ୍ନାରାଣୀ ନାୟକ, ଅଶୋକ ନିମାଇଁ, ସରିତା କର ଓ ପ୍ରଶାନ୍ତ କୁମାର ନାୟକଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଗଞ୍ଜେଇ ବ୍ୟବସାୟୀ ଗିରଫ

**ବାଲିଗୁଡା,୧୪।୩.(ଡି.ଏନ.ଏ.):** କନ୍ଧମାଳ ଜିଲା ପୋଲିସକୁ ଚକମା ଦେଇ ଗଞ୍ଜେଇ ବେପାରର କାୟା ବିସ୍ତାର କରି ଚାଲିଥିବା ଜଣେ ପୁରୁଣା ବ୍ୟବସାୟୀକୁ ରବିବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ପ୍ରକାଶ ମହାନନ୍ଦ। ବାଲିଗୁଡ଼ା ପୋଲିସ ସଦଳବଳ ମାଓପ୍ରବଣ ଅଞ୍ଚଳ ଖମନଖୋଲ ଓ ଲଣ୍ଡାଗାଁ ପଞ୍ଚାୟତରେ ପାଟ୍ରୋଲିଂ କରୁଥିବା ସମୟରେ ପ୍ରକାଶଙ୍କୁ ଧରିଥିଲା।

### ୨୧ ବର୍ଷ ପରେ ୱାରେଣ୍ଟି ଗିରଫ

**ଶେରଗଡ଼,୧୪।୩(ଡି.ଏନ୍.ଏ.)-** ସାରା ରାଜ୍ୟରେ ୱାରେଣ୍ଟି ଧରପଗଡ଼ ଚାଲିଥିବା ବେଳେ ବଡଗଡ ଥାନା ପୋଲିସ ୨୧ ବର୍ଷ ପରେ ରବିବାର ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କୁଶ ବେହେରା। ବଡଗଡ଼ ଥାନା ପକ୍ଷରୁ ୱାରେଣ୍ଟି ଧରପଗଡ଼ ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଜିଆର୍ କେସ୍ ନଂ. ୨୮/୯୭ରେ ମାମଲା ରୁଜୁ କରାଯାଇଥିଲା।

### ମଦ ଜବତ, ଜଣେ ଗିରଫ

**ଗୋପାଳପୁର/ଚିକିଟି, ୧୪।୩ (ଡି.ଏନ.ଏ.):** ବେଆଇନ ମଦ ବିକ୍ରି କରିବା ଅଭିଯୋଗରେ ରବିବାର ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କେ.ନୂଆଗାଁ ଥାନା ବରଡ଼ା ଗ୍ରାମର ଏନ.ତୁଳସୟ୍ୟା। ତୁଳସୟ୍ୟା ଏକ ଦୋକାନ କରି ଗତ ୬ ରୁ ୭ ମାସ ହେଲା ଚୋରାରେ ବିଦେଶୀ ମଦ ବିକ୍ରି କରୁଥିଲେ। ଶନିବାର ରାତିରେ ଜିଲା ଅବକାରୀ ବିଭାଗ ଷ୍ଟ୍ରାଇକିଂ ଫୋର୍ସ, ଗୋଳନ୍ଥରା ଓ ଚିକିଟି ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ମଦ ୭.୩୮୦ ଲିଟର, ଅସଲି ବିୟର ୪୬.୮୦୦ ଲିଟର ମଦ ଜବତ କରିଥିଲେ। ଏ ନେଇ ଚିକିଟି ଅବକାରୀ ଥାନା କେସ ନଂ. ୮୦/୨୦-୨୧ରେ ମାମଲା ରୁଜୁ ହୋଇଛି।

# ଗଞ୍ଜାମ ଜିଲାରେ ଅବକ୍ଷୟମୁଖୀ ପାନଚାଷ

- ହ୍ରାସ ପାଇଛି କିଆଫୁଲ ଅତର ଭାଟି
- ସରକାର ପ୍ରୋତ୍ସାହନ ଦେବାକୁ ଭାଜପାର ଦାବି

**ବ୍ରହ୍ମପୁର ଅଫିସ,୧୪।୩**

ଅତୀତରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଓ ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ପାନଚାଷ ହେଉଥିଲା। ବନାରସ ସମେତ ଉତ୍ତର ଭାରତର ବହୁ ଅଞ୍ଚଳରେ ଗୋଳନ୍ଥରା ପାନର ବେଶ ଚାହିଦା ଥିଲା। କିଆଫୁଲ ଅତର ଓ ପାନ ନେବା ପାଇଁ ବେପାରୀମାନେ ଆସି ଡ଼େରା ପକାଉଥିଲେ। ସେହିପରି ହିଞ୍ଜିଳିର ପାନ ପଶ୍ଚିମ ଓଡ଼ିଶାକୁ ପଠାଯାଉଥିଲା। ୧୯୯୯ ମହାବାତ୍ୟା ପରଠୁ ପାନଚାଷ ଅବକ୍ଷୟମୁଖୀ ହୋଇଯାଇଛି। ଅନ୍ୟପକ୍ଷରେ ଲୋକେ ମଧ ଖିଲି ପାନ ପରିବର୍ତ୍ତେ ଗୁଟଖା ଅଧିକ ବ୍ୟବହାର କରୁଥିବାରୁ ପାନପତ୍ରର ଚାହିଦା କମିଯାଇଛି।

ମହାବାତ୍ୟା ପୂର୍ବରୁ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା,ରଣ୍ଡା, ଶାସନପଦର, କୁଠାରସିଂ, ନିକଟସ୍ଥ ଶିହଳା ଏବଂ ହିଞ୍ଜିଳି ବ୍ଲକର ସାରୁ ଓ ଶିକିରି ଆଦି ଅଞ୍ଚଳରେ ପ୍ରଚୁର ପରିମାଣର ପାନଚାଷ କରାଯାଉଥିଲା। ହଜାରେରୁ ଅଧିକ ଏକର ଜମିରେ ଚାଷୀମାନେ ପାନ ବରଜ କରିଥିଲେ। ମହାବାତ୍ୟାରେ ବରଜଗୁଡ଼ିକ ଧ୍ୱଂସ ହୋଇଯାଇଥିଲା। ତେଣୁ ପାନଚାଷ ବହୁଳ ପରିମାଣରେ ହ୍ରାସ ପାଇଥିଲା। ୨୦୧୩ରେ ଘଟିଥିବା ଆଉ ଏକ ସାମୁଦ୍ରିକ ବାତ୍ୟା ଫାଇଲିନରେ ବରଜଗୁଡ଼ିକ ଛାରଖାର ହୋଇଗଲା। ଏବେ ଗୋଳନ୍ଥରା ଓ ଆଖପାଖରେ ମାତ୍ର ୨୦ ରୁ ୨୫ ଏକର ଜମିରେ ପାନ ଚାଷ କରାଯାଉଥିବା ଅନୁଧ୍ୟାନରୁ ଜଣାପଡ଼ିଛି।

ବରିଷ୍ଠ ଭାଜପା ନେତା ତଥା ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ବିଭୂତି ଭୂଷଣ ଜେନାଙ୍କ କହିବାନୁସାରେ ମହାବାତ୍ୟା ଓ ଫାଇଲିନରେ ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ସେମାନେ ପାନ ବ୍ୟବସାୟ ପାଇଁ ଅନାଗ୍ରହ ହୋଇଛନ୍ତି। ଅପରପକ୍ଷରେ ବରଜ ପାଇଁ ୨୦ ଫୁଟରୁ ଅଧିକ ଉଚ୍ଚାର ବାଉଁଶ ଆବଶ୍ୟକ। ଏବେ ବାଉଁଶ ମୂଲ୍ୟ ମାତ୍ରାଧିକ ହୋଇଛି। ଦେଶୀ ଖତ (ଜୈବସାର) ମଧ ଚଢ଼ାଦର ହୋଇଯାଇଛି। ମୂଲିଆ (ଶ୍ରମିକ)ଙ୍କ ଦୈନିକ ମଜୁରି ପୂର୍ବାପେକ୍ଷା ୧୦ ଗୁଣ ବଢ଼ିଛି। ଏହିସବୁ କାରଣରୁ ପାନଚାଷ ବିପର୍ଯ୍ୟସ୍ତ ଆଡ଼କୁ ମୁହାଁଇବାରେ ଲାଗିଛି। ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଓ ସ୍ୱତନ୍ତ୍ର ସହାୟତା ମିଳୁ ନ ଥିବା ଆଉ ଏକ ସମସ୍ୟା ହୋଇଯାଇଥିବା ଜେନା ସୂଚାଇଛନ୍ତି।

ସେହିପରି ଜିଲାର ଛତ୍ରପୁର ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣର କିଆବାଡ଼ ଥିଲା। ଇସ୍ପାତ ପ୍ରକଳ୍ପ ନାମରେ ୧୯୯୦ ଦଶକର ଦ୍ୱିତୀୟ ଭାଗରେ ଟାଟା କମ୍ପାନୀର ଜମି ଅଧିଗ୍ରହଣରେ ଅନେକ କିଆବାଡ଼ ଲୋପ ପାଇଗଲା। ରଙ୍ଗେଇଲୁଣ୍ଡା ବ୍ଲକରେ କିଆଫୁଲରୁ ସୁଗନ୍ଧ ଅତର ପ୍ରସ୍ତୁତ ପାଇଁ ଅନେକ ଭାଟି ଥିଲା। ସେହି ଅତର ଦେଶର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା। କାଳକ୍ରମେ ତାହା ମଧ ଲୋପ ପାଇବାରେ ଲାଗିଛି। ଏବେ ଅଳ୍ପ କେତେକ ଭାଟିରେ ଅତର ପ୍ରସ୍ତୁତ ହେଉଛି। ପାନଚାଷୀଙ୍କୁ ସରକାର ସମସ୍ତ ପ୍ରୋତ୍ସାହନ ଦେବା ଏବଂ ଅତର ଶିଳ୍ପର ବିକାଶ ନିମନ୍ତେ ସରକାରୀ ଭାବେ କାରଖାନା ପ୍ରତିଷ୍ଠା ପାଇଁ ଭାଜପା ନେତା ବିଭୂତି ଦାବି କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଛନ୍ତି।

# ୧୮ରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହୋତ୍ସବ କମିଟି କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ୍,୧୪।୩**

ଚତୁର୍ଥ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ନେଇ ରବିବାର ପ୍ରକାଶମ୍ ହଲ୍‌ରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆୟୋଜନ କରୁଥିବା ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ସଭାପତି ବଳରାମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାରଣା ନାଟକ ମହୋତ୍ସବ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୧୮ରୁ ୨୨ ତାରିଖ ଯାଏ ୫ ଦିନ ବ୍ୟାପୀ ନାଟକ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ଇଶା ଭିଜନ୍ ସହଆୟୋଜକ ଭାବରେ କାର୍ଯ୍ୟ କରିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। କୋଭିଡ୍ କଟକଣା ମଧରେ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିନ ଚକ୍ରବ୍ୟୂହ ନାଟକ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମଞ୍ଚ ନାଟକକୁ ଦର୍ଶକ ଓ ନାଟକ ପ୍ରେମୀଙ୍କ ମଧରେ କିଛି ନୂଆ ଭାବନା ଦେବା ପାଇଁ କମିଟି ଲକ୍ଷ୍ୟ ରଖିଛି। ଏଥିସହ ନାଟକର ଶେଷ ସନ୍ଧ୍ୟାରେ ସର୍ବଶ୍ରେଷ୍ଠ ନାଟକ ଅଭିନେତା, ଅଭିନେତ୍ରୀ ଓ ଭିନ୍ନ ଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ନାଟ୍ୟକାରଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ବିଚିତ୍ରା ନନ୍ଦ ବେବର୍ତ୍ତା, ସଭାନେତ୍ରୀ କିରଣବାଳା ମିଶ୍ର, କଳା ନିର୍ଦ୍ଦେଶକ ସତ୍ୟ ମହାରଣାଙ୍କ ସମେତ ସଦାନନ୍ଦ ସାହୁ ଓ କୈଳାସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ଷ୍ଟେଶନରେ ୯୦ ଯାତ୍ରୀଙ୍କୁ ସ୍କ୍ରିନିଂ

**ବ୍ରହ୍ମପୁର ଅଫିସ,୧୪।୩**




ଷ୍ଟେଶନରେ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।

ଗଞ୍ଜାମ ଜିଲାକୁ ଏବେ କରୋନା ଭୟ ଆରମ୍ଭ ହେଲାଣି। ମହାରାଷ୍ଟ୍ର ସମେତ ୬ଟି ରାଜ୍ୟରେ କରୋନା ଏବେ ତା'ର କାୟା ବିସ୍ତାର କରି ଚାଲିଛି। ସେ ସବୁ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ମହାରାଷ୍ଟ୍ର ଓ ନାଗପୁରରେ ସଂକ୍ରମଣ ସ୍ଥିତି ଗମ୍ଭୀର ହେବା ସହ ସେଠାରେ ପୁଣି ଲକ୍‌ଡାଉନ୍ ଜାରି ହୋଇଛି। ସେପଟେ ପ୍ରତ୍ୟହ ଅହମଦାବାଦ, ମୁମ୍ବାଇ ଓ ନାଗପୁରରୁ ବ୍ରହ୍ମପୁର ଦେଇ ଟ୍ରେନ୍‌ଗୁଡିକ ଓଡ଼ିଶାକୁ ପ୍ରବେଶ କରୁଛି। ପ୍ରତିଦିନ ଶହ ଶହ ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ ରବିବାର ପୂର୍ବାହ୍ନରେ ରେଳଷ୍ଟେଶନରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ପରେ ରେଳବାଇ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମା, ଜିଆରପି ଥାନାଧିକାରୀ ଜ୍ୟୋତି ପ୍ରକାଶ ନାୟକ ଓ ଆରପିଏଫ୍ ଥାନାଧିକାରୀ ଦିଲୀପ କୁମାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଟ୍ରେନ୍ ଯୋଗେ ବାହାର ରାଜ୍ୟରୁ ଆସୁଥିବା ଯାତ୍ରୀଙ୍କୁ ବ୍ରହ୍ମପୁର ରେଳଷ୍ଟେଶନରେ ଓହ୍ଲାଇବା ପରେ ସେମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଷ୍ଟେଶନ ପରିସରରେ ଏକ ମେଡିକାଲ ଟିମ୍ ଉପସ୍ଥିତ ରହି ଯାତ୍ରୀଙ୍କୁ ସ୍କ୍ରିନିଂ କରିବା ସହ ସେମାନଙ୍କ ଆଣ୍ଟିଜେନ ଟେଷ୍ଟ କରିବା ପାଇଁ ବୈଠକରେ ସ୍ଥିର ହୋଇଥିବା ଷ୍ଟେଶନ ମ୍ୟାନେଜର ବ୍ରହ୍ମା କହିଛନ୍ତି। ରବିବାର ଅପରାହ୍ନରେ ବାଙ୍ଗାଲୁରୁରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ପ୍ରଶାନ୍ତି ଏକ୍ସପ୍ରେସ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିଥିଲା। ସେଥିରୁ ବ୍ରହ୍ମପୁରରେ ୯୦ ଯାତ୍ରୀ ଓହ୍ଲାଇଥିଲେ। ସମସ୍ତଙ୍କର ସ୍କ୍ରିନିଂ କରାଯାଇଥିଲା ବୋଲି ବ୍ରହ୍ମା କହିଛନ୍ତି। ଆଗାମୀ ଦିନରେ ବାହାର ରାଜ୍ୟରୁ ଆସୁଥିବା ଟ୍ରେନ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିବା ପରେ ସେଥିରୁ ଓହ୍ଲାଉଥିବା ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ ସହ ଆଣ୍ଟିଜେନ ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି। ସେହିପରି ରବିବାର ସନ୍ଧ୍ୟାରେ ଖୋର୍ଦ୍ଧାରୋଡ୍‌ରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର ଅମିତେସ ଆନନ୍ଦ ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି ବୋଲି ରେଳବାଇ ସୁରକ୍ଷା ବଳ (ଆର୍‌ପିଏଫ) ଅଧିକାରୀ ଦିଲୀପ କୁମାର ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ପଡୋଶୀ ଯୁବ ସମ୍ବିଧାନ କାର୍ଯ୍ୟକ୍ରମ

**ଫୁଲବାଣୀ ଅଫିସ, ୧୪।୩**

କନ୍ଧମାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ପଡୋଶୀ ଯୁବ ସମ୍ବିଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବ କେନ୍ଦ୍ର ସଂଗଠନ ରାଜ୍ୟ ଅଧକ୍ଷ ବିମଳ ପାତ୍ରିକ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିପିନ ବିହାରୀ ବେହେରା, ବିଶ୍ୱ ବ୍ୟାଙ୍କ ଶିକ୍ଷା ବିଶେଷଜ୍ଞ ବିନୟ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଡ. ଅନନ୍ତ ଚରଣ ମିଶ୍ର, ଏଚ୍‌ଆଇଭି/ଏଡ୍‌ସ କାଉନସେଲର ଦେବାଶିଷ ମିଶ୍ର, ଜିଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ, ଫୁଲବାଣୀ ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ନଭଜିତ୍ କୁମାର ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ କିପରି ଯୁବତୀ ଯୁବକମାନେ ପାଇପାରିବେ ତାହା ସମସ୍ତଙ୍କୁ ଅବଗତ କରିଥିଲେ । ଜିଲାସ୍ତରୀୟ ଯୁବ ସମ୍ବିଧାନ କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଯଥାକ୍ରମେ ପ୍ରଜ୍ଞାପରମିତା ସାହୁ, ଦେବଲିନ୍ ପ୍ରିୟଦର୍ଶିନୀ, ବିଜୟିନୀ ପୂଜାରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ମନୋଜ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ନେହେରୁ ଯୁବ କେନ୍ଦ୍ରର ସହକର୍ମୀ ସତ୍ୟବାନ ଦଳବେହେରା ଧନ୍ୟବାଦ ଦେଇଥିଲେ ।

# ଆମ୍ ଆଦ୍‌ମୀ ପାର୍ଟି କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର ଅଫିସ୍,୧୪।୩**

ଗଞ୍ଜାମ ଜିଲା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ରବିବାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗଞ୍ଜାମ କଳା ପରିଷଦଠାରେ ଅନୁଷ୍ଠିତ ହୋଇଯାଇଛି। ଦଳ ଜିଲା ଆବାହକ ସୁବାସ ରାଉତ ଏଥିରେ ଅଧକ୍ଷତା କରିଥିଲେ। ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେଇ ଦଳ ସର୍ବଦା ଭିନ୍ନ ବିଚାରଧାରାରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ଜିଲା ଆବାହକ ସୁବାସ ରାଉତ ଆଗାମୀ ପୌର ନିର୍ବାଚନ ଲାଗି କାର୍ଯ୍ୟକର୍ତ୍ତାଙ୍କୁ ଏକାଠି ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ବିଧାନସଭା ସଂଯୋଜକ ଆଦିତ୍ୟ ରଥ ଭ୍ରଷ୍ଟାଚାର ବିରୋଧରେ ଏକାଠି ହୋଇ ଲଢେଇ କରିବାକୁ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ରମେଶ ବେହେରା, ମନୋଜ ପାଢୀ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ




ପୁରାତନ ଛାତ୍ରଙ୍କ ସହ ଶିକ୍ଷକମାନେ।

**ଫୁଲବାଣୀ ଅଫିସ, ୧୪।୩**

ଫୁଲବାଣୀ ସହରସ୍ଥିତ ଏଜେଓ ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ପୌର ପରିଷଦ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନିଆ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ସେ ସମୟର ଶିକ୍ଷକମାନଙ୍କୁ ଆମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକମାନେ ଗୁରୁ ଏବଂ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ । ସେମାନେ ଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ପୁରାତନ ଛାତ୍ର ଦିଲୀପ ପଟ୍ଟନାୟକ, ଜନକ ଦିଗାଲ, ସୂର୍ଯ୍ୟ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଅଜିତ ମହାରଣା, କୈଳାସ ତ୍ରିପାଠୀ, ଭଗବାନ ମହାନ୍ତି, ଉମେଶ ଚନ୍ଦ୍ର ସାହୁ, ଯତିନ୍ଦ୍ର ପାଢ଼ୀ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ବରିଷ୍ଠ ନାଗରିକ ମଞ୍ଚର ଚକ୍ଷୁ ସଚେତନତା ଶିବିର

**ବ୍ରହ୍ମପୁର ଅଫିସ୍,୧୪।୩**

ବ୍ରହ୍ମାନଗର ଓ ଜ୍ୟୋତିନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ଶ୍ରୀରାମଚନ୍ଦ୍ର ଓ ହନୁମାନ ମନ୍ଦିର ପରିସରରେ ଏକ ଚକ୍ଷୁ ସଚେତନତା ଓ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ସେ ବ୍ରହ୍ମାନଗର ଓ ଜ୍ୟୋତିନଗରରେ ପାନୀୟ ଜଳ ସମସ୍ୟା, ପ୍ରଧାନମନ୍ତ୍ରୀ ସଡ଼କର କଲଭର୍ଟ ନିର୍ମାଣ, ବ୍ରହ୍ମପୁର ସହରକୁ ପର୍ଯ୍ୟାପ୍ତ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ସହରର ସ୍ୱାସ୍ଥ୍ୟ ସେବାକୁ ସୁସଂଗଠିତ, ଗେଟ୍ ବଜାର ବାଇପାସ୍ ନିର୍ମାଣ ଓ ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଭଳି ବିଭିନ୍ନ ସମସ୍ୟା ସମାଧାନ କରିବାରେ ଚେଷ୍ଟିତ ଅଛନ୍ତି ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ଭେଷଜ ବିଶେଷଜ୍ଞ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଯୋଗ ଦେଇ ଆଧାତ୍ମିକ ଦଗ୍‌ଦର୍ଶନ ସହ ଚକ୍ଷୁ ରୋଗ ସମ୍ପର୍କରେ ସଚେତନ କରାଇଥିଲେ। ସଂଘ ସଭାପତି ଭବାନୀ ଶଙ୍କର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରକାଶ ଚନ୍ଦ୍ର ଦାଶ, ସୁରେନ୍ଦ୍ର ପାଢୀ, ସୁକାନ୍ତ ପଟ୍ଟନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୬ ଉଇକେଟରେ ଜିତିଲା ଘାଇଲା ବୟସ ଟିମ୍

**ବ୍ୟାଘ୍ରଦେବୀ କ୍ରିକେଟ ଟୁର୍ନାମେଣ୍ଟ**

**ବ୍ରହ୍ମପୁର ଅଫିସ, ୧୪।୩**

ଶ୍ରୀରାମ ନଗର ନିକଟସ୍ଥ ହର୍ଷ ବିହାର ଖେଳ ପଡ଼ିଆଠାରେ ଚାଲିଥିବା ଇଣ୍ଟର କ୍ଲବ ବ୍ୟାଘ୍ରଦେବୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ବିଜେଡି ନେତା ମୁକୁନ୍ଦ ଗୌଡ଼, ପୂର୍ବତନ କର୍ପୋରେଟର ଆର.ମୁରଲୀ ମୋହନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ମ୍ୟାଚ ଘାଇଲା ବୟସ୍ ଟିମ୍ ଏବଂ ବେଙ୍ଗଲ ଟାଇଗର୍ ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିସଂରେ ବ୍ୟାଟିଂ କରିଥିବା ବେଙ୍ଗଲ ଟାଇଗର ୧୫ ଓଭର ରେ ୨୦୮ ରନ କରିଥିଲା। ଜବାବରେ ଘାଇଲା ବୟସ ୧୩.୧ ଓଭରରେ ୨୧୦ ରନ କରି ୬ ଉଇକେଟରେ ବିଜୟ ଲାଭ କରିଥିଲା। ଘାଇଲା ବୟସର ରାକେଶ କୁମାର ସାହୁ(ଗୁଡୁ) ୧୩ ବଲ୍ ଖେଳି ସର୍ବାଧିକ ୪୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଖେଳରେ ଉତ୍ତମ ପ୍ରଦର୍ଶନ କରିଥିବା ମଣ୍ଟୁ ସ୍ୱାଇଁଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଅତିଥି ମାନେ ଚାମ୍ପିୟନ ବେଙ୍ଗଲ ଟାଇଗରକୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ବେଙ୍ଗଲ ଟାଇଗର ୬ ହଜାର ଟଙ୍କା ସହ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଆୟୋଜକ କ୍ଲବ ସଭାପତି ମହେଶ ତ୍ରିପାଠୀ ଏଥିରେ ପୋରୋହିତ୍ୟ କରିଥିବା ବେଳେ ବିନାୟକ ବେହେରା ଓ ମଣ୍ଟୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମ୍ୟାଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ।



ଟ୍ରଫି ସହ ବିଜୟୀ ଦଳ ।

# ସଫେଇ ହେଉନି ଆବର୍ଜନା, ଲୋକେ ହନ୍ତସନ୍ତ



ପଡ଼ି ରହିଥିବା ଆବର୍ଜନା।



ରାଜୀବ ଆବାସ ଆପାର୍ଟମେଣ୍ଟ।

**ସେମାନେ ଯାହା କୁହନ୍ତି**

> ଅଳିଆ ଆବର୍ଜନା ସଫା ହେଉନି। ବିଏମ୍‌ସିରେ ଅଭିଯୋଗ ପରେ ବି ସୁଫଳ ମିଳୁନି। ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ବିଏମ୍‌ସି ସଫେଇ ନ କରିବାରୁ ବାଧ ହୋଇ ନିଜେ ସଫା କରୁଛୁ।
>
> **ବଳରାମ ମିଶ୍ର(ଆପାର୍ଟମେଣ୍ଟ ବାସିନ୍ଦା)**

> ବିଏମ୍‌ସି ସର୍ଭେ ଟିମ୍ ସମସ୍ତ ତଥ୍ୟ ନେଇଛନ୍ତି। ଆଜକୁ ଏକ ବର୍ଷ ହୋଇଗଲା କିନ୍ତୁ ଘରଖଣ୍ଡିଏ ମିଳିପାରିଲା ନାହିଁ। ଫଳରେ ପଲିଥିନ ଘେରା ତଳେ ଜୀବନ କାଟୁଛୁ।
>
> **କୋକିଳା ନାୟକ(ବସ୍ତି ବାସିନ୍ଦା)**

> ଆପାର୍ଟମେଣ୍ଟରୁ ଆବର୍ଜନା ସଫା ନେଇ ବିଏମ୍‌ସିକୁ ବାରମ୍ବାର ଅଭିଯୋଗ କରାଯାଉଛି। ସଫେଇ କର୍ମଚାରୀ ଆସୁନାହାନ୍ତି କି ବିଏମ୍‌ସିର କୌଣସି ପଦାଧିକାରୀ ଆସୁନାହାନ୍ତି। ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି।
>
> **ପାର୍ବତୀ ପ୍ରଧାନ(ପୂର୍ବତନ କର୍ପୋରେଟର)**

**ନେହେରୁ ନଗର ରାଜୀବ ଆବାସ ଆପାର୍ଟମେଣ୍ଟ**

**ବ୍ରହ୍ମପୁର ଅଫିସ୍,୧୪।୩**

**ୱାର୍ଡ ନଂ-୨୭**

ସହରାଞ୍ଚଳର ବସ୍ତିବାସିନ୍ଦାଙ୍କୁ ଥଇଥାନ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜୀବ ଆବାସ ଯୋଜନା ରହିଛି। ଏହି ଯୋଜନା କ୍ରମେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଥିବା ବସ୍ତିବାସିନ୍ଦା ରାଜୀବ ଆବାସ ଆପାର୍ଟମେଣ୍ଟରେ ବାସ କରୁଛନ୍ତି। ଏହି ମର୍ମରେ ବ୍ରହ୍ମପୁର ସହରରେ ୨୦୧୫-୧୬ରେ ବିଏମ୍‌ସି ଏହି କାର୍ଯ୍ୟ ହାତକୁ ନେଇ ରାଜୀବ ଆବାସ ଆପାର୍ଟମେଣ୍ଟ ନିର୍ମାଣ କାର୍ଯ୍ୟ କରିଥିଲା। ବିଏମ୍‌ସି ପକ୍ଷରୁ ୧୭୦୦ ପରିବାରଙ୍କ ନିମନ୍ତେ ୨୧୦୪ ବାସଗୃହ ନିର୍ମାଣ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୦୦୦ ପରିବାର ବସବାସ କରୁଛନ୍ତି। ଏହି ବାସଗୃହ ନିମନ୍ତେ ପ୍ରତ୍ୟେକ ପରିବାର ପିଛା ୪୦ ହଜାର ଟଙ୍କା ବିଏମ୍‌ସି ଆଦାୟ ମଧ କରିଛି। ତେବେ ଏଗୁଡ଼ିକ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ରହିଛି। କେଉଁଠି କୋଠା ଫାଟି ଆଁ କରିଛି ତ ଆଉ କେଉଁଠି ଡ୍ରେନେଜ୍ ବ୍ୟବସ୍ଥା ଅଚଳ ହୋଇ ପଡ଼ିଛି। ଏହିଭଳି ସମସ୍ୟାରେ ରହିଛି ବ୍ରହ୍ମପୁର ମହାନଗର ନିଗମ ୨୭ ନଂ ୱାର୍ଡ଼ ସ୍ଥିତ ନେହେରୁ ନଗର ୧୦ମ ଲାଇନ୍‌ରେ ଥିବା ରାଜୀବ ଆବାସ ଆପାର୍ଟମେଣ୍ଟ। ଏଠାରେ ପୁରୁଣା ବ୍ରହ୍ମପୁର, ମୁକ୍ତେଶ୍ୱର କେନାଲ ସାହି, ଗୁଡ୍‌ଶେଡ୍ ରୋଡ଼, ଗୋସାଇଁନୂଆଗାଁ ଶିଶୁ ମନ୍ଦିର ରୋଡ଼, ଡିପ ହରିଜନ ସାହି, ଗୌଡ଼ବନ୍ଧ ସାହି ଆଦି ଅଞ୍ଚଳର ବସ୍ତିବାସିନ୍ଦାମାନେ ବାସ କରୁଛନ୍ତି। କିନ୍ତୁ କୋଠାର ଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ଏଠାକାର ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି। ଆପାର୍ଟମେଣ୍ଟ ପରିସରରେ ଅଳିଆ ଆବର୍ଜନା ସଫେଇ ହେଉ ନ ଥିବା ଅଭିଯୋଗ ହୋଇଛି। କୋଠାର କେତେକ ଗୃହରେ କାଚ ଝରକାଗୁଡ଼ିକ ଭାଙ୍ଗି ଯାଇଥିବା ବେଳେ ତାର ମରାମତି କରାଯାଉ ନାହିଁ। ଏପରିକି ଡ୍ରେନ୍ ସଫେଇ ନ ହେବାରୁ ଆବର୍ଜନା ପାଣି ରାସ୍ତାରେ ଭାସୁଛି। ଫଳରେ ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ସଫେଇ କର୍ମଚାରୀମାନେ ଆସୁ ନ ଥିବାରୁ ଆପାର୍ଟମେଣ୍ଟ ପରିସରରେ ଦୀର୍ଘ ଦିନ ଧରି ଅଳିଆ ଆବର୍ଜନା ପଡ଼ି ରହୁଛି।

ଅନ୍ୟପଟେ ଅନେକ ବାସିନ୍ଦା ଉକ୍ତ ୱାର୍ଡର ହୋଇଥିବା ସତ୍ତ୍ୱେ ରାଜୀବ ଆବାସ ଗୃହ ପାଇବାରେ ବଞ୍ଚିତ ହୋଇଛନ୍ତି। ଫଳରେ ଗୃହ ମିଳିବା ଆଶାରେ ବହୁ ପରିବାର ଆପାର୍ଟମେଣ୍ଟ ନିକଟରେ ପଲିଥିନ୍‌ରେ ଗଢା ବାସଗୃହ ତଳେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ବିଏମ୍‌ସି ପକ୍ଷରୁ ବାସଗୃହ ମିଳିବା ନେଇ ସମସ୍ତ ତଥ୍ୟ ଲିଖିତ ଭାବେ ନିଆଯାଇଥିବା ସତ୍ତ୍ୱେ କୌଣସି ଗୃହ ମିଳୁନ ଥିବା ଅଭିଯୋଗ ହୋଇଛି। ଏଣୁ ସହରର ରାଜୀବ ଆବାସ ଆପାର୍ଟମେଣ୍ଟରେ ରହିଥିବା ସମସ୍ୟା ସମାଧାନ ସହ ବାସଗୃହହୀନ ପରିବାରଙ୍କୁ ଗୃହ ଯୋଗାଇ ଦେବା ପାଇଁ ଦାବି ହୋଇଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୧୫ ମାର୍ଚ୍ଚ, ୨୦୨୧



## ରନ୍ଧାମଦ ଜବତ, ୧୦ ଗିରଫ

**ଆସିକା:** (ଡି.ଏନ୍.ଏ.) ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ, ଗଣ୍ଡପଲ୍ଲୀ, ଜଗନ୍ନାଥପଲ୍ଲୀ ଗ୍ରାମ ଉପକଣ୍ଠରେ ଥିବା ଏରଗୋଲା ବସାରେ ଚାଲିଥିବା ବେଆଇନ ମଦ ଭାଟିରେ ପୋଲିସ ରବିବାର ଚଢ଼ାଉ କରିଥିଲା । ଭାଟିରୁ ୧ହଜାର ଲିଟର ରନ୍ଧାମଦ ଜବତ କରାଯାଇଥିବା ବେଳେ ପ୍ରାୟ ୫ହଜାର ଲିଟର ପୋଚ ନଷ୍ଟ କରାଯାଇଛି । ମଦରନ୍ଧାରେ ବ୍ୟବହୃତ ବହୁ ସରଞ୍ଜାମ ମଧ ଜବତ ହୋଇଛି। ଏହି ମାମଲାରେ ୨ ମହିଳାଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ସନ୍ତୋଷ ଶିକାରୀ, ବିଦେଶୀ ପାତ୍ର, ପ୍ରକାଶ ପାତ୍ର, ପି. ଗୋପାଳ, ଏ. ରାମୁ, କେ. ଅଜୟ, କେ. କାଁକ, କେ. ବିଜୟ, ସୀତା ପ୍ରଧାନ ଓ ସୁନ୍ଦରୀ ଦାସୁ । ଥାନାରେ ପୃଥକ ୧୦ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

## ସଂକ୍ଷେପରେ

### ୧୮ ବର୍ଷ ପରେ ହତ୍ୟାକାରୀ ଗିରଫ

**ପୁରୁଷୋତ୍ତମପୁର,୧୪।୩(ଡି.ଏନ.ଏ.)** ପୁରୁଷୋତ୍ତମପୁର ପୋଲିସ ଏକ ହତ୍ୟାକାଣ୍ଡର ଫେରାର ଅଭିଯୁକ୍ତଙ୍କୁ ଦୀର୍ଘ ୧୮ ବର୍ଷ ପରେ ରବିବାର ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଶାଗୁଣାପଲ୍ଲୀ ଗ୍ରାମର ଛଇଳ ନାହାକ ଓରଫ ଦାସ। ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି ଯେ, ୨୦୦୨ ଏପ୍ରିଲ ୨୦ ତାରିଖରେ ଶଙ୍କର ନାହାକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ନଂ. ୫୧/୨୦୦୨ରେ ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେଥିରୁ ୩ ଜଣ ସେହି ସମୟରେ ଗିରଫ ହୋଇଥିବା ବେଳେ ଛଇଳ ଫେରାର ହୋଇଯାଇଥିଲା।

### ୱାରେଣ୍ଟ ବଳରେ ୪ ଗିରଫ

**ବୁଗୁଡ଼ା,୧୪।୩(ଡି.ଏନ.ଏ.)** ବୁଗୁଡ଼ା ପୋଲିସ ୱାରେଣ୍ଟ ବଳରେ ରବିବାର ୪ ଜଣଙ୍କୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ଚିତ୍ତରଞ୍ଜନ ବେହେରା କହିଛନ୍ତି। ଗିରଫମାନେ ହେଲେ ବୁଗୁଡ଼ା ଥାନା ଭାମଣିଆଳି ଗ୍ରାମର ସନ୍ତୋଷ ବଡ଼େଇ, ଅରୁଣ ବଡ଼େଇ, ପାଣ୍ଡବ ପ୍ରଧାନ ଓ ବରୁଣ ପଲାଇ। ଏ ନେଇ ବୁଗୁଡ଼ା କୋର୍ଟ ଜିଆର କେସ୍ ନଂ. ୯୦/୯୩ରେ ମାମଲା ରୁଜୁ ହୋଇଥିଲା। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଭିଯୁକ୍ତମାନେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ।

### କଂଗ୍ରେସର ସାଙ୍ଗଠନିକ ବୈଠକ

**ଗୋପାଳପୁର,୧୪।୩** ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଝର ପଞ୍ଚାୟତ ପଶ୍ଚିମେଶ୍ୱର ମନ୍ଦିର ଠାରେ ରବିବାର କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋପାଳପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ଏସ. ଧର୍ମରାଜ ରେଡ୍ଡୀ, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ସୁନୀଲ କୁମାର ସାହୁ ଓ ଛତ୍ରପୁର ବ୍ଲକ ସଭାପତି ଅବନୀ ଶତପଥୀ ଯୋଗ ଦେଇଥିଲେ। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ରାଧା ମୋହନ ପ୍ରଧାନ, ତ୍ରିପତି ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ସୁଦର୍ଶନ ମଲାଣ, କାହ୍ନୁ ଚରଣ ନାହକ, ଧୀରେନ୍ଦ୍ର ପାତ୍ର, ଉମାକାନ୍ତ ସାସମଲ, ଅଶୋକ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତର ସଭାପତି ଭାବେ ରାଧା ମୋହନ ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

### ଶନି ଅମାବାସ୍ୟା ପାଳିତ

**ଆସିକା,୧୪।୩ (ଡି.ଏନ୍.ଏ)** ଆସିକା ଏନ୍ଏସିର ସୁନାମ୍ବ ସାହିସ୍ଥିତ ଶନିଦେବଙ୍କ ଅସ୍ଥାୟୀ ମନ୍ଦିରରେ ଶନିବାର ସନ୍ଧ୍ୟାରେ ଶନି ଅମାବାସ୍ୟା ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ମଣ୍ଡପ ସମ୍ମୁଖରେ ପୂଜା, ହୋମ, ଆରତି ଓ ମହାଦୀପ ପ୍ରଜ୍ୱଳନ ସହ ଶନିଦେବଙ୍କ ତୈଳାଭିଷେକ ଏବଂ ହରିନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସିକା ତଥା ଆଖପାଖ ଗ୍ରାମାଞ୍ଚଳର ଶତାଧିକ ଭକ୍ତ ସାମିଲ ହୋଇଥିଲେ। ରବୀନ୍ଦ୍ର ସାହୁ, ମନୋଜ ମହାନ୍ତି, ସତ୍ୟ ପାତ୍ର, ଦୁର୍ଗା ପାଢ଼ୀ, ମନୋଜ ସାହୁ, ଟୁଲୁ ପାଢ଼ୀ, ମୁନା ମହାପାତ୍ର, ସୁନା ପାଢ଼ୀ, ସ୍ୱାଧୀନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୧ ଅକ୍ଟୋବର ୧୦ ତାରିଖରେ ଆସିକା ସୁନାମ୍ବ ସାହିର ଏକ ୮ଜଣିଆ ଯୁବ ଶ୍ରଦ୍ଧାଳୁ ଆସିକାରୁ ମହାରାଷ୍ଟ୍ରର ଶନି ସଙ୍ଗନାପୁରସ୍ଥିତ ଶନି ଦେବଙ୍କ ପୀଠକୁ ପଦଯାତ୍ରାରେ ଯାଇ ଫେରିବା ପରଠାରୁ ଏକ ଅସ୍ଥାୟୀ ମନ୍ଦିର ସ୍ଥାପନ ପୂର୍ବକ ରୀତିମତ ପୂଜାର୍ଚ୍ଚନା ସହ ପ୍ରତିବର୍ଷ ଏହି ଶନି ଅମାବାସ୍ୟା ଉତ୍ସବ ପାଳିତ ହୋଇଆସୁଛି।

### ବିଦ୍ୟାଳୟ ସୁରକ୍ଷା ନେଇ ବୈଠକ

**ଶେରଗଡ଼,୧୪।୩(ଡି.ଏନ.ଏ.)** ଶେରଗଡ଼ ଥାନା ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ସୁରକ୍ଷା କଡ଼ାକଡ଼ି କରିବା ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଆମ ପୋଲିସ ସମିତିର ସକ୍ରିୟ ସଭ୍ୟ ସୂର୍ଯ୍ୟନାରାୟଣ ଦାଶଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ନିଜ ନିଜ ବିଦ୍ୟାଳୟର ସୁରକ୍ଷା ପ୍ରତି ସଜାଗ ରହିବାକୁ କୁହାଯାଇଥିଲା। ବିଦ୍ୟାଳୟ ବାହାରେ ଅସାମାଜିକ ବ୍ୟକ୍ତିଙ୍କ ସ୍ଥିତି ପ୍ରତି ନଜର ରଖିବା, ବିଦ୍ୟାଳୟରେ ଘଟୁଥିବା ବିଭିନ୍ନ ଦୁର୍ଘଟଣା ଉପରେ ଦୃଷ୍ଟି ଦେବା, ବର୍ତ୍ତମାନ ମୋ ସ୍କୁଲ ଯୋଜନାରେ ଆସିଥିବା ଅର୍ଥରୁ କିଛି ଅର୍ଥବାହାର କରି ବିଦ୍ୟାଳୟର ସମ୍ମୁଖ ଭାଗ, ରାସ୍ତାପାର୍ଶ୍ୱରେ ସିସିଟିଭି ଲଗାଇବାକୁ ଆଲୋଚନା ହୋଇଥିଲା। ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହା ଉପରେ ସହମତି ପ୍ରକାଶ କରିଥିଲେ। ବୈଠକରେ ବିଜୁ ପଟ୍ଟନାୟକ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୌରହରି ବିଷୋୟୀଙ୍କ ସମେତ ୧୫ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ।

# ଗଞ୍ଜାମରେ ପୁଣି ଭୟ ବଢ଼ାଇଲାଣି କରୋନା

## ହଟସ୍ପଟ ରାଜ୍ୟରୁ ଟ୍ରେନରେ ଫେରୁଛନ୍ତି ପ୍ରବାସୀ

**ଛତ୍ରପୁର,୧୪।୩(ଡି.ଏନ.ଏ)**

ମହାରାଷ୍ଟ୍ର ସମେତ ଦେଶର ୬ଟି ରାଜ୍ୟରେ ଏବେ କରୋନାର ଦ୍ୱିତୀୟ ଲହର ଦେଖିବାକୁ ମିଳିଛି । ମହାରାଷ୍ଟ୍ରର କେତେକ ସହରରେ ଏବେ ଲକ୍‌ଡାଉନ୍ ଚାଲିଛି । ଏପଟେ ଗଞ୍ଜାମ ଜିଲାକୁ ଟ୍ରେନ୍ ଯୋଗେ କରୋନା ହଟସ୍ପଟ ରାଜ୍ୟରୁ ଶତାଧିକ ପ୍ରବାସୀ ଫେରୁଛନ୍ତି। ମହାରାଷ୍ଟ୍ରର ମୁମ୍ବାଇରୁ କୋଣାର୍କ ଏକ୍ସପ୍ରେସ, ଅହମ୍ମଦାବାଦ-ପୁରୀ, ଓଖା-ପୁରୀ, ଗାନ୍ଧୀଧାମ-ପୁରୀ ଟ୍ରେନ୍‌ରେ ଦୈନିକ ଶତାଧିକ ଲୋକ ଗଞ୍ଜାମ ଆସୁଥିବାରୁ ପୁଣି ଜିଲାବାସୀଙ୍କ ଚିନ୍ତା ବଢ଼ିଲାଣି । ଗତ ୨/୩ ମାସ ହେଲା ଗଞ୍ଜାମରେ ଅଧିକାଂଶ ଦିନ କରୋନା ଆକ୍ଟିଭ୍ ସଂଖ୍ୟା ଶୂନ ରହି ଆସୁଥିଲା। ମାତ୍ର ଶନିବାର ଜିଲାରେ ୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଟ୍ରେନ୍ ଯାତାୟତରେ କଟକଣା ନ ଥିବାରୁ ଲୋକେ ହଟସ୍ପଟ ରାଜ୍ୟ ମହାରାଷ୍ଟ୍ର, ପଞ୍ଜାବ, ଗୁଜରାଟ, ଛତିଶଗଡ, ମଧ୍ୟପ୍ରଦେଶ, କେରଳ ଆଦି ଅଞ୍ଚଳକୁ ଯାତାୟାତ କରୁଛନ୍ତି। ହଟସ୍ପଟ୍ ଅଞ୍ଚଳରୁ ଲୋକେ ଟ୍ରେନ୍ ଯୋଗେ ଆସି ବ୍ରହ୍ମପୁର, ଛତ୍ରପୁର, ଖଲ୍ଲିକୋଟ ଷ୍ଟେଶନରେ ଓହ୍ଲାଉଛନ୍ତି । ଏପ୍ରିଲ ପହିଲାରୁ ପୂର୍ବଭଳି ଶତପ୍ରତିଶତ ଟ୍ରେନ୍ ଚାଲିବ ବୋଲି ଘୋଷଣା ହୋଇଥିବାରୁ ଜନସାଧାରଣଙ୍କୁ ଆହୁରି ସତର୍କ ରହିବାକୁ ପଡିବ । ଏଥିସହ ସ୍କ୍ରିନିଂ, କରୋନା ଟେଷ୍ଟ ବୃଦ୍ଧି କରିବା ମଧ ଆବଶ୍ୟକ। ରବିବାର ବ୍ରହ୍ମପୁର ଷ୍ଟେଶନରେ ସ୍କ୍ରିନିଂ ଆରମ୍ଭ ହୋଇଥିବାବେଳେ ଅନ୍ୟଠାରେ ଏହି ବ୍ୟବସ୍ଥା ନାହିଁ । ଷ୍ଟେଶନଗୁଡିକରେ ସ୍କ୍ରିନିଂ ଓ ପ୍ରତିଷେଧକ ମୂଳକ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ରଖୁଛନ୍ତି। ଅନ୍ୟପକ୍ଷରେ ଉକ୍ତ ୬ ରାଜ୍ୟକୁ ନେଇ ହାଇଆଲର୍ଟ ଜାରି ସହ ସତର୍କତା ଅବଲମ୍ବନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲା ପ୍ରଶାସନକୁ ନିର୍ଦ୍ଦେଶନାମା ମଧ ଆସିଥିବା ଜଣାପଡିଛି । କୋଭିଡ୍ ନିୟମ ପାଳନ ସହ ମାସ୍କ ପିନ୍ଧିବା, ସାମାଜିକ ଦୂରତା, ବାରମ୍ବାର ହାତ ଧୋଇବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜନସାଧାରଣଙ୍କୁ ପରାମର୍ଶ ଦେଇଆସୁଛନ୍ତି । ଏପରିକି ସେ ଦୈନିକ ବ୍ରହ୍ମପୁର, ଛତ୍ରପୁର ଆଦି ସହରରେ ବୁଲି ଏହାର ଅନୁଧ୍ୟାନ କରୁଛନ୍ତି । ଜିଲାରେ ଦଣ୍ଡଯାତ୍ରା, ମା ତାରାତାରିଣୀଙ୍କ ଯାତ୍ରା, ବୁଢ଼ୀ ଠାକୁରାଣୀ ଯାତ୍ରା ହେବ । ତେବେ ସଂକ୍ରମଣ ବ୍ୟାପିବା ସମ୍ଭାବନା ଥିବାରୁ ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିଷେଧ ପାଇଁ ଜିଲାପାଳ ଏସଓପି ଜାରି କରିଛନ୍ତି। ଗତବର୍ଷ କରୋନା ଲାଗି ଜିଲାରେ ଦଣ୍ଡଯାତ୍ରା ଓ ତାରାତାରିଣୀଙ୍କ ଯାତ୍ରା ଭକ୍ତଙ୍କ ପାଇଁ ବନ୍ଦ ରହିଥିଲା। ଚଳିତବର୍ଷ କେବଳ ମାନସିକ ପୂରଣ ପାଇଁ ଅନୁମତି ମିଳିଥିବାରୁ ବାହାର ରାଜ୍ୟରେ ଥିବା ଗଞ୍ଜାମର ଲୋକ ଫେରୁଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ମାନସିକ ପୂରଣ ଲାଗି ଜିଲାପାଳ ଅନୁମତି ଦେଇଛନ୍ତି ଏବଂ ବାହାର ଜିଲା ଓ ରାଜ୍ୟର ଲୋକଙ୍କୁ ଏଥିରେ ସାମିଲ ଉପରେ କଟକଣା ଜାରି କରାଯାଇଛି। ସୂଚନାଯୋଗ୍ୟ, ଜିଲାକୁ ଗତବର୍ଷ କରୋନା ସମୟରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଥିଲେ।

# ଛତ୍ରପୁରରେ କଲର ବେଲ୍ଟ ପ୍ରତିଯୋଗିତା



ସମ୍ବର୍ଦ୍ଧିତ କରାଯାଉଛି।

**ଛତ୍ରପୁର,୧୪।୩(ଡି.ଏନ.ଏ.)**

ଛତ୍ରପୁରଠାରେ କେଏମ୍‌ପି ସ୍ପୋର୍ଟସ ଏକା ପକ୍ଷରୁ ଟାଏକୋଣ୍ଡୋ ପ୍ରଶିକ୍ଷାର୍ଥୀମାନଙ୍କ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସହବନ୍ଧିତ ଗଞ୍ଜାମ ଜିଲା ଟାଏକୋଣ୍ଡୋ ଆସୋସିଏଶନ ଅଧିନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ରେଫରି ତଥା ରାଜ୍ୟ ସହସଂପାଦକ କେ. ମନୋଜ ପ୍ରଧାନ ପରୀକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କ ପରୀକ୍ଷା କରିଥିଲେ। ଛତ୍ରପୁର ଓ ଗଞ୍ଜାମ ବ୍ଲକର ୪୫ ଟାଏକୋଣ୍ଡୋ ପ୍ରଶିକ୍ଷାର୍ଥୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ଶ୍ରୀକାନ୍ତ ମହାନ୍ତି, ଓଡ଼ିଶା ଟାଏକୋଣ୍ଡୋ ସଂଘର ମହିଳା କମିଶନର ଅନିତା ମିଶ୍ର, ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର କୋଚ ଇ. ଲଳିତ କୁମାର, ହୋପ ଟାଏକୋଣ୍ଡୋ ଏକାଡେମୀର କୋଚ ସି. ଏଚ. ପ୍ରସାଦ ନାୟକ, ଦିଗପହଣ୍ଡି ଟାଏକୋଣ୍ଡୋ ଏକାଡେମୀର କୋଚ ବାସୁ ନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ ଥାର୍ଡ ଡାନ ବ୍ଲାକ ବେଲ୍ଟ ହାସଲ କରିଥିବା ଇ. ଲଳିତ କୁମାରଙ୍କୁ ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରମାଣପତ୍ର ଦିଆଯାଇଥିବା ବେଳେ ଲକ୍‌ଡାଉନ ସମୟରେ ମହିଳା ସଶକ୍ତୀକରଣ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର 'ତେଜସ୍ୱନୀ'ରେ ଅଭିନୟ ପାଇଁ ଉଚ୍ଚ ପ୍ରଶଂସିତ ତେଜସ୍ୱିନୀ ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜଙ୍ଗଲପୋଡ଼ିର କାରଣ ଖୋଜିଲେ ଉଦ୍ଭିଦ ବିଜ୍ଞାନୀ

**ଭଞ୍ଜନଗର,୧୪।୩(ଡି.ଏନ.ଏ.)**



ପ୍ରାଧ୍ୟାପକଦ୍ୱୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ବର୍ତ୍ତମାନ ନିୟନ୍ତ୍ରଣରେ ଅଛି । ରବିବାର ଅପରାହ୍ଣ ୪ଟା ସୁଦ୍ଧା କୌଣସି ଜଙ୍ଗଲରେ ନିଆଁ ଲାଗି ନ ଥିବା ଜଣାପଡ଼ିଛି। ସମନ୍ୱୟ ଅଭାବରୁ ଘୁମୁସର ବନଖଣ୍ଡର ଅନେକ ଜଙ୍ଗଲ ପୋଡ଼ିଛି। ଜଙ୍ଗଲପୋଡ଼ି ରୋକିବାକୁ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ବିଭାଗ ପକ୍ଷରୁ ବିଭିନ୍ନ ରେଞ୍ଜକୁ ଗତ ଫେବୃୟାରୀ ୧୫ ପୂର୍ବରୁ କିଛି କିଛି ଟଙ୍କା ଦିଆଯାଇଥିଲା। କେତକ ରେଞ୍ଜ ଉକ୍ତ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଆଉ କେତକ ରେଞ୍ଜ ଏବେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ କାହିଁକି ଲାଗିଲା ଏହାର କାରଣ ଖୋଜୁଛନ୍ତି ୨ ଜଣ ଉଦ୍ଭିଦ ବିଜ୍ଞାନୀ । ଡିଏଫଓ ମଧ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସହ ଆଲୋଚନା କରୁଛନ୍ତି । ଗଞ୍ଜାମ ଜିଲା ଯୁବ ରେଡ଼କ୍ରସ ଅଧିକାରୀ ତଥା କ୍ଷତ୍ରିୟବରପୁର କଲେଜ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ବି.ଗୋବିନ୍ଦ ରାଓ, ଜି.ଉଦୟଗିରି କଲେଜର ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ଼.ଦିଲୀପ କୁମାର ମହାପାତ୍ର ରବିବାର ଘୁମୁସର ଉତ୍ତର ବନଖଣ୍ଡରେ ପୋଡ଼ିଥିବା ବିଭିନ୍ନ ଜଙ୍ଗଲ ବୁଲି ଦେଖିଛନ୍ତି। ସେମାନେ ଭିଏସ୍ଏସ୍ କର୍ମକର୍ତ୍ତା, ସାଧାରଣ ଜନତା, ପଥଚାରୀ ଓ ବନ କର୍ମଚାରୀଙ୍କ ସହ ପୃଥକ ଭାବେ ଆଲୋଚନା କରିଛନ୍ତି । ୨୦୧୧ରେ ଏହି ବନଖଣ୍ଡରେ ୧୮୪ ପ୍ରକାର ବୃକ୍ଷ ଥିବାବେଳେ ବର୍ତ୍ତମାନ ଜଙ୍ଗଲ ପୋଡିପରେ କେତେ ପ୍ରକାର ବୃକ୍ଷ ଅଛି ତାହା ମଧ ଅନୁଧ୍ୟାନ କରିଥିଲେ। ୨ ପ୍ରାଧ୍ୟାପକ ବନ ବିଭାଗର ଅନୁରୋଧକ୍ରମେ ସୋମନାଥପଲ୍ଲୀ, ବିଭୁତିଆ, ପରଶୁଲୁଣ୍ଡା, କଣ୍ଟେପଲ୍ଲୀ, କାଳିଆମ୍ବା ଆଦି ଜଙ୍ଗଲ ପରିଦର୍ଶନ କରିଛନ୍ତି। ଜଙ୍ଗଲ ପୋଡ଼ିର କାରଣ ଓ ଏହାର ପ୍ରତିକାର ପାଇଁ କିପରି ପଦକ୍ଷେପ ନିଆଯିବ ସେନେଇ ତଥ୍ୟ ସଂଗ୍ରହ କରାଯାଇଥିବା ପ୍ରାଧ୍ୟାପକ ରାଓ କହିଛନ୍ତି। ଅନ୍ୟପକ୍ଷରେ ଡିଏଫଓ ଅଭୟ କୁମାର ଦଲେଇ, ଏସିଏଫ୍ ସୁଦର୍ଶନ ବାଦୀଙ୍କ ସମେତ ସମସ୍ତ ରେଞ୍ଜର ପ୍ରତ୍ୟକ୍ଷ ଭାବେ ଜଙ୍ଗଲ ନିଆଁକୁ କିଭଳି ରୋକାଯିବ ସେ ନେଇ ପଦକ୍ଷେପ ନେଉଛନ୍ତି । କେନ୍ଦ୍ରୀୟ ବନାଞ୍ଚଳ ସମେତ ଆଉ କେତେକ ରେଞ୍ଜ ପକ୍ଷରୁ ସଚେତନତା ପାଇଁ ଆସିଥିବା ସମସ୍ତ ଟଙ୍କା ଖର୍ଚ୍ଚ କରାଯାଇ ନ ଥିଲା। ଏ ସମ୍ପର୍କରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମାର ବେହେରା କହିଛନ୍ତି, ଭିଏସ୍ଏସ୍ ଆକାଉଣ୍ଟଗୁଡ଼ିକ ଠିକ୍ ନ ଥିଲା। ତେଣୁ ଟଙ୍କା ଛଡ଼ାଯାଇପାରି ନ ଥିଲା। କିଛିଦିନ ମଧ୍ୟରେ ଆକାଉଣ୍ଟଗୁଡ଼ିକୁ ଠିକ୍ କରାଯିବା ପରେ ଟଙ୍କା ପ୍ରଦାନ କରାଯିବ। ଡିଏଫଓ ଅଭୟ କୁମାର ଦଲେଇ କହିଛନ୍ତି, ସଚେତନତା କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ହେଉଛି । କେଉଁଠି ଯଦି ହୋଇ ନ ଥିବ ତାହାର ଅନୁଧ୍ୟାନ କରାଯିବ ।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

**ଦିଗପହଣ୍ଡି,୧୪।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ବଛପଲ୍ଲୀ ଗାଁରେ ପୂର୍ବ ଯୋଜନା ପ୍ରକାରେ ଦୁର୍ବୃତ୍ତମାନେ ରବିବାର ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଖଣ୍ଡା ଚୋଟରେ ଗୁରୁତର ହୋଇଥିବା ପଞ୍ଚୁ ଭୁୟାଁଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ବଛପଲ୍ଲୀ ଗାଁ ସାପୁଆ ନାଳକୁ ସକାଳେ ପଞ୍ଚୁ ଗାଧୋଇବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଗତ କିଛିଦିନ ପୂର୍ବେ ପଞ୍ଚୁଙ୍କୁ ହତ୍ୟା କରିବା ପାଇଁ ବ୍ଲୁ - ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଭିଜା ମାଟି ସମେତ ଆନୁଷଙ୍ଗିକ କିଛି ବସ୍ତୁ ଜବତ କରି ପରୀକ୍ଷାଗାରକୁ ପଠାଇଛି।

୨୦୨୦ ଅକ୍ଟୋବର ୨୪ରେ ଗାଁର ଜଣେ ଜଣାଶୁଣା ଅପରାଧୀ ବଛନ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ପଞ୍ଚୁଙ୍କ ସମେତ ତାଙ୍କ ସମସ୍ତ ଭାଇ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଘଟଣାର ୪ ମାସ ପରେ ମଧ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିନଥିବାରୁ ମୃତ ବଛନଙ୍କ ପ୍ରତିଶୋଧ ନେବା ପାଇଁ ପଞ୍ଚୁଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା କିଛି ସ୍ଥାନୀୟ ଲୋକ କହିଛନ୍ତି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରାଯାଇଛି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

# କୃଷି ଅଧିକାର ଯାତ୍ରାକୁ ସମ୍ବର୍ଦ୍ଧନା

**କାଶୀନଗର,୧୪।୩(ଡି.ଏନ୍.ଏ.)**




କୃଷି ଅଧିକାର ଯାତ୍ରା।

ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତ ୧୨ ତାରିଖରୁ କୃଷକ ମୋର୍ଚ୍ଚାର ପ୍ରଚାର ଅଭିଯାନ ଯାତ୍ରା ଆରମ୍ଭ ହୋଇଛି। ରବିବାର କାଶୀନଗରଠାରେ ଆଦିବାସୀ ଅଧିକାର ମଞ୍ଚ, ଅଖିଳ ଭାରତ କୃଷକ କ୍ଷେତ ମଜଦୁର ସଭା, ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେସନ ତରଫରୁ କୃଷି ଅଧିକାର ଯାତ୍ରାକୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ଆଦିବାସୀ କୃଷକ ନେତା କାର୍ତ୍ତିକ ଶବରଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ସଭାରେ କୃଷକ ସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଅଖିଳ ଭାରତ କୃଷକ କ୍ଷେତ ମଜଦୁର କେନ୍ଦ୍ରୀୟ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ପଶ୍ଚିମ ଓଡ଼ିଶା କୃଷକ ନେତା ଲିଙ୍ଗରାଜ, ଡିୱାଇଏଫଆଇର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କ କଳା ଆଇନକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ଅଭିଯାତ୍ରୀଗଣ ରାଜ୍ୟର ୨୦ଟି ଜିଲା ପରିକ୍ରମା କରି ଆସନ୍ତା ୨୩ ମାର୍ଚ୍ଚ ଭଗତ୍ ସିଂହଙ୍କ ଶହୀଦ ଦିବସରେ ବିଧାନସଭା ଘେରାଉ କରିବା ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ କୃଷକ ନେତା କେଦାର ଶବର, ଯୁବନେତା ଶୁକ୍ରୁ ଶବର, ନାଗେଶ୍ୱର ଶବର, କୃଷକ ନେତା ମିନା ରାଓ, କାଡୁକା ଶବର, କ୍ରିଷ୍ଣା ଶବର, ଚୈତନ୍ୟ ଶବର ଯୋଗଦେଇଥିଲେ। ଏଆଇକେଏସ ରାଜ୍ୟ ସଭାପତି ରାମଚନ୍ଦ୍ର, ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାୟ, ଅଭିରାମ ବେହେରା, ନରେନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ଗାୟତ୍ରୀ ଶକ୍ତିପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ରମ୍ଭା,୧୪।୩**

ଗଞ୍ଜାମ ବ୍ଲକ ରମ୍ଭା ଗାୟତ୍ରୀ ଶକ୍ତିପୀଠ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଗଞ୍ଜାମ ଜିଲା ତରଫରୁ ୩ ଦିନିଆ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହର ହର ଗଙ୍ଗେ ଘର ଘର ଗଙ୍ଗେ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଦିଆଯାଇଛି। କରୋନା କଟକଣା ମାନି ଗଞ୍ଜାମ ଜିଲାର ପ୍ରତି ଶକ୍ତିପୀଠର ୨ ଜଣ ଲେଖାଏ ପରିଜନଙ୍କୁ ଶାନ୍ତିକୁଞ୍ଜ ହରିଦ୍ୱାରର ଋଷିପୁତ୍ର ଶେଷଦେବ ବଡ଼େଇ, ପ୍ରଦୀପ ସାହୁ ପ୍ରଶିକ୍ଷଣ ଦେଇଥିଲେ। ଖୁଦିରାମ କୌଶଲ୍ୟ, ଦିନେଶ ପାଲ, ବଳରାମ ସାହୁ, ଡ଼.ବୃନ୍ଦାବନ ମିଶ୍ର, ତ୍ରିନାଥ ସେଠୀ, ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଗୋକୁଳ ଚନ୍ଦ୍ର ନାହାକ ମଞ୍ଚାସୀନ ରହି ମହା କୁମ୍ଭମେଳାର ପବିତ୍ର ଦିଗ ଗୁଡିକ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରମ୍ଭା ଅଞ୍ଚଳର କେତେକ ବ୍ୟକ୍ତିଙ୍କ ଘରେ ମହାକୁମ୍ଭ ମେଳାର ପାବନ ଗଙ୍ଗା ଜଳ ପ୍ରତିଷ୍ଠା କରାଯାଇଥିଲା।

# ଖେମୁଣ୍ଡି ଗାଡ଼ି ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ

**ଦିଗପହଣ୍ଡି,୧୪।୩(ଡି.ଏନ.ଏ.)**

ଦିଗପହଣ୍ଡି କମା ପଡିଆସ୍ଥିତ ନୀଳକଣ୍ଠେଶ୍ୱର ଶୈବପୀଠ ପରିସରରେ ଥିବା ସଭା ଗୃହରେ ରବିବାର ଗାଡି ମାଲିକ ସଂଘ ପକ୍ଷରୁ ଅନୁଷ୍ଠିତ ଆଲୋଚନା ସଭାରେ ଆଇନଜୀବୀ ଅଶେଷ ନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ପରିବହନ ମିନିବସ ଓ ମ୍ୟାଜିକ ଗାଡି ମାଲିକ ସଂଘର ସଭାପତି ରୂପେ ଆଇନଜୀବୀ ଅଶେଷ, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ପାତ୍ର, ଉପସଭାପତି ଶ୍ରୀକାନ୍ତ ଚୌଧୁରୀ, ସମ୍ପାଦକ ପ୍ରତାପ କୁମାର ସାହୁ, ସହ ସମ୍ପାଦକ ସୁରେଶ କୁମାର ସାହୁ, ସାଙ୍ଗଠନିକ ସମ୍ପାଦକ ରାଜୀବ ସ୍ୱାଇଁ, ହିସାବ ସମୀକ୍ଷକ ଉମାକାନ୍ତ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ଅଳକ ନାଥ ମିଶ୍ର ଏବଂ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରଦୀପ କୁମାର ସେନାପତି, ସୁଶାନ୍ତ କୁମାର ଅଧିକାରୀ, କେ. ଗଣେଷ, ସିମାଞ୍ଚଳ ସେଠୀ, ସଞ୍ଜୟ କୁମାର ସେଠୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା ଜଣାପଡିଛି। ନବନିର୍ବାଚିତ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରାଯିବା ପରେ ଉପସ୍ଥିତ ସଂଘର ସମସ୍ତ ସଦସ୍ୟ କରତାଳି ମାଧ୍ୟମରେ ସମର୍ଥନ କରିଥିଲେ। ସଂଘର ବିବିଧ ସମସ୍ୟା ଓ ତାର ସ୍ଥାୟୀ ସମାଧାନ ପାଇଁ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଜନପ୍ରତିନିଧି

## ମୋହନା ବିଡିଓଙ୍କୁ ପୁନଃନିଯୁକ୍ତି ଦାବି

**ଆର.ଉଦୟଗିରି,୧୪।୩(ଡି.ଏନ.ଏ.)**

ଗଞ୍ଜେଇ ସହ ଜବତ ହୋଇଥିବା କାଜୁକୁ କମ୍ ମୂଲ୍ୟରେ ବିକ୍ରି କରାଯିବା ଘଟଣାରେ ନିଲମ୍ବିତ ହୋଇଥିବା ମୋହନା ବିଡିଓ ବଂଶୀଧର ଖୋସଲାଙ୍କ ସପକ୍ଷରେ ବାହାରିଛନ୍ତି ବ୍ଲକ ଜନପ୍ରତିନିଧିମାନେ। ରବିବାର ଜନପ୍ରତିନିଧିମାନେ ମିଳିତ ଭାବେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବିଡିଓ ଖୋସଲା ମୋହନା ବ୍ଲକର ଦୁର୍ଗମ ପାହାଡ଼ ଘେରା ଗାଁ ଗୁଡିକରେ ବୁଲି ଲୋକଙ୍କ ସେବା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ଉତ୍ତମ ସମ୍ପାଦନ କରିଛନ୍ତି। ସେ ଅଢେଇ ବର୍ଷ ଏଠାରେ କାର୍ଯ୍ୟ କରି ଜିଲାରେ ସୁନାମ ଅର୍ଜନ କରିଥିଲେ। କରୋନା ସମୟରେ ଅଡବା ଥାନା ଇଲାକାରୁ ଗୋଟିଏ କାଜୁ ଭର୍ତ୍ତି ଟ୍ରକରେ ଚାଲାଣ ହେଉଥିବା ଗଞ୍ଜେଇକୁ ପୋଲିସ ଧରିଥିଲା। ସେ ସମୟରେ ବିଡ଼ିଓ ଖୋସଲା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାରୁ ସେ କାଜୁ ବୋଝେଇ ଗାଡିର କାଜୁକୁ ନିଲାମ ପ୍ରକ୍ରିୟାରେ ସାମିଲ ନ ଥିଲେ। ହେଲେ ପୋଲିସ ଦସ୍ତଖତ ମାଗିବାରୁ ବିଶ୍ୱାସରେ ସେ ଦସ୍ତଖତ ଦେଇଥିବା ପ୍ରତିନିଧିମାନେ କହିଛନ୍ତି। ଏସବୁ ଘଟଣାର ତଦନ୍ତ ସହ ବିଡ଼ିଓଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇ ପୁଣି ମୋହନା ବ୍ଲକରେ ନିଯୁକ୍ତି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଯାଇ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। ସମ୍ମିଳନୀରେ ବ୍ଲକ ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀ, ସରପଞ୍ଚ ଜୁରିୟା କାର୍ଜି, ମାମିନୀ ପାଇକ, ଦଇତି ଗମାଙ୍ଗ, ପିତର ଗମାଙ୍ଗ, ପାସକଲ ନାୟକ, ହପାଣି ଲିମା, ଉପେନ୍ଦ୍ର ବୀର, ଅଜିତ କୁମାର ନାୟକ, ରଶ୍ମିତା ନାୟକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

## ମନୁ ବଂଶ ପରିଚାଳନା କମିଟି ବୈଠକ

**ବେଗୁନିଆପଡା,୧୪।୩(ଡି.ଏନ.ଏ.)**

ବେଗୁନିଆପଡା ବ୍ଲକ ଷଣ୍ଢମୂଳ ପଞ୍ଚାୟତ ତୁମ୍ବେଶ୍ୱର ମନ୍ଦିର ପରିସରରେ ଗଞ୍ଜାମ-ପୁରୀ ବିଶ୍ୱକର୍ମା, କମ୍ମାର ମନୁବଂଶ ପରିଚାଳନା କମିଟିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ମହାରଣା ପ୍ରଥମେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଭାପତି ତ୍ରିପତି ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦିବଙ୍ଗତମାନଙ୍କ ପାଇଁ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବଂଶର ପଞ୍ଜିକରଣ, ଆଞ୍ଚଳିକ ସ୍ଥିତି ଓ ଅଗାମୀ ବୈଠକ ସକାଶେ ସ୍ଥାନ ଏବଂ ତାରିଖ ନିର୍ଦ୍ଧାରଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ରାଧାଶ୍ୟାମ ମହାରଣା, ଉପସଭାପତି ସୁଦାମ ମହାରଣା, ସମ୍ପାଦକ ରମାକାନ୍ତ ମହାରଣା, ସଙ୍ଗଠନ ସମ୍ପାଦକ ସନ୍ତୋଷ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଅନିଶ୍ଚିତତାରେ ଦୋଳଯାତ୍ରା

## ହେବନି ସାଂସ୍କୃତିକ କାର୍ଯ୍ୟକ୍ରମ

**ଗଞ୍ଜାମ,୧୪।୩(ଡି.ଏନ.ଏ.)**



ଠାକୁର ବସିବା କୁଞ୍ଜ।

ଗଞ୍ଜାମ ସହରରେ ଆସନ୍ତା ୨୫ ତାରିଖରୁ ଐତିହାସିକ ଦୋଳଯାତ୍ରା ଆରମ୍ଭ ହେବ। କୋଭିଡ୍ କଟକଣା ହେତୁ ଚଳିତବର୍ଷ ଦୋଳଯାତ୍ରା ଅନିଶ୍ଚିତ ଘେରରେ ରହିଛି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଶାନ୍ତି କମିଟି ମିଟିଙ୍ଗ ମଧ ହୋଇନି। ଚାରିଦିନ ଧରି ହେବାକୁ ଥିବା ଏହି ଯାତ୍ରା ପାଇଁ ପ୍ରଥମେ ଏନ୍ଏସି ପ୍ରଶାସନ ବିଭିନ୍ନ ୱାର୍ଡର ଚାରିଜଣ ଲେଖାଏ ଡାକି ଶାନ୍ତିକମିଟି ଗଠନ କରାଯାଇଥାଏ। ପରେ ଉକ୍ତ କମିଟି ସାହିରେ ଥିବା ସମସ୍ୟା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ପ୍ରଥମେ ଠାକୁର ନିଜ ସାହିରେ ଭୋଗ ଖାଇବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବିଭିନ୍ନ ନାଟକ ହୋଇଥାଏ। ବର୍ଷକୁ ଥରେ ଆସୁଥିବା ଏହି ଦୋଳଯାତ୍ରା ପାଇଁ ବର୍ତ୍ତମାନ ସାହିଗୁଡିକରେ ଠାକୁର ବିରାଜମାନ ପାଇଁ ଆକର୍ଷଣୀୟ କୁଞ୍ଜ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ହେଲେ ପ୍ରଶାସନ ପକ୍ଷରୁ ଯାତ୍ରା ହେବ କି ନାହିଁ ସ୍ପଷ୍ଟମତ ମିଳୁ ନ ଥିବାରୁ ସାହିବାଲା ନାଟକ ବଇନା କରିପାରି ନାହାନ୍ତି। ପ୍ରଶାସନ ଯଦି ଅନୁମତି ନ ଦିଏ ତା'ହେଲେ ନାଟକକୁ ଦିଆଯାଇଥିବା ଅଗ୍ରିମ ଟଙ୍କା ଫେରସ୍ତ ହେବ ନାହିଁ। ଏଥିପାଇଁ ଅଡୁଆରେ ପଡିଛନ୍ତି ସାହିବାସିନ୍ଦା। ଏ ସମ୍ପର୍କରେ ଆଇଆଇସି ଦିଲ୍ଲୀପ କୁମାର ସାହୁଙ୍କୁ ପଚାରିବାରେ ଜିଲା ପ୍ରଶାସନର ନିର୍ଦ୍ଦେଶ ଆସିଲା ପରେ ଜଣାପଡ଼ିବ ବୋଲି କହିଛନ୍ତି। ତହସିଲଦାର ଅରୁଣ କୁମାର ନାୟକ କହିଛନ୍ତି, କୋଭିଡ୍ କଟକଣାରେ ଯାତ୍ରା ହେବ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।